# NATIONAL NEWS BULLETIN (ODIA)
## 13 June - 2026
## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ଫ୍ରାନ୍ସ ଓ ସ୍ଲୋଭାକିଆକୁ ପ୍ରଧାନମନ୍ତ୍ରୀଙ୍କ ୬ ଦିନିଆ ଗସ୍ତ ଆରମ୍ଭ ।

– ନିସ୍‌ଠାରେ ଆସନ୍ତାକାଲି ଭାରତ ଇନୋଭେଟ୍ସ କାର୍ଯ୍ୟକ୍ରମରେ ଦେବେ ଯୋଗ ।

- ଇନ୍ଦୋର ଘୋଷଣାନାମା ସହ ଉଦ୍‌ଯାପିତ ହେଲା ପାଞ୍ଚ ଦିନିଆ ବ୍ରିକ୍ସ କୃଷି ସମ୍ମିଳନୀ ।

- ଭାରତୀୟ ସ୍ଥଳ ସେନାର ପରବର୍ତ୍ତୀ ମୁଖ୍ୟ ଭାବେ ନିଯୁକ୍ତ ହେଲେ ଲେଫ୍ଟନାଣ୍ଟ ଜେନେରାଲ୍ ଧୀରଜ ସେଠ୍ ।

- ଆସାମର ଜୋରହାଟ୍ ବାୟୁସେନା ଘାଟିରେ ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ୫ ଜଣ ସେନା କର୍ମଚାରୀଙ୍କ ମୃତ୍ୟୁ ।

ଏବଂ

- ଧର୍ମଶାଳାଠାରେ ଜାରି ରହିଛି ଭାରତ-ଆଫ୍‌ଗାନିସ୍ତାନ ପୁରୁଷବର୍ଗ ଦିନିକିଆ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍ ।

# ପିଏମ୍-ଡେପାରଚର ଷ୍ଟେଟ୍‌ମେଣ୍ଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜିଠାରୁ ୬ ଦିନିଆ  ଫ୍ରାନ୍ସ ଏବଂ ସ୍ଲୋଭାକିଆ ଗସ୍ତରେ ଯାଇଛନ୍ତି । ଗସ୍ତର ପ୍ରଥମ ପର୍ଯ୍ୟାୟରେ ଶ୍ରୀ ମୋଦୀ ଆସନ୍ତାକାଲି ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରୋନ୍‌ଙ୍କ ସହ ନିସ୍‌ଠାରେ ଦ୍ୱିପାକ୍ଷିକ ଆଲୋଚନା କରିବେ । ଉଭୟ ନେତା ଭାରତ ଓ ଫ୍ରାନ୍ସ ଦ୍ୱିପାକ୍ଷିକ ସଂପର୍କର ଅଗ୍ରଗତି ନେଇ ମତ ବିନିମୟ କରିବାର କାର୍ଯ୍ୟସୂଚୀ ରହିଛି । ସେଠାରେ ଭାରତ ଇନୋଭେଟ୍‌ସ କାର୍ଯ୍ୟକ୍ରମର ଉଭୟ ନେତା ମିଳିତ ଭାବେ ଉଦ୍‌ଘାଟନ କରିବେ । ଭାରତ, ଫ୍ରାନ୍ସ ଏବଂ ଅନ୍ୟାନ୍ୟ ଦେଶର ଶ୍ରେଷ୍ଠ ନବସୃଜନ ଷ୍ଟାର୍ଟଅପ୍ ତଥା ନିବେଶକଙ୍କୁ ଏହି କାର୍ଯ୍ୟକ୍ରମ ଏକତ୍ରିତ କରିବ ।

ଗସ୍ତ ବ୍ୟବହିତ ପୂର୍ବରୁ ନୂଆଦିଲ୍ଲୀଠାରେ ଶ୍ରୀ ମୋଦୀ କହିଛନ୍ତି, ଭାରତର ରଣନୈତିକ ଦୃଷ୍ଟିକୋଣରେ ଫ୍ରାନ୍ସର ଏକ ବିଶେଷ ସ୍ଥାନ ରହିଛି । ଦ୍ୱିପାକ୍ଷିକ, ଆର୍ଥିକ ଏବଂ ସାଂସ୍କୃତିକ ସଂପର୍କକୁ ଅଧିକ ସୁଦୃଢ଼ କରିବା ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ ।

ଏହା ପରେ ନିସ୍‌ରୁ ଶ୍ରୀ ମୋଦୀ ଆସନ୍ତାକାଲି ସ୍ଲୋଭାକିଆକୁ ଦୁଇଦିନିଆ ଗସ୍ତରେ ଯିବେ । ସ୍ଲୋଭାକିଆ ଗସ୍ତ  ସାରି ଶ୍ରୀ ମୋଦୀ ଫ୍ରାନ୍ସର ଏଭିଏନ୍‌କୁ ଗସ୍ତ କରିବେ । ସେଠାରେ ୧୬ ଓ ୧୭ ତାରିଖରେ ଜି-୭ ଶିଖର ସମ୍ମିଳନୀରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଜି-୭

ସମ୍ମିଳନୀରେ ଭାରତର ଉପସ୍ଥିତି ବୈଶ୍ୱିକ ସ୍ତରରେ ବର୍ଦ୍ଧିତ ଦକ୍ଷତାକୁ ପ୍ରତିପାଦନ କରୁଛି ବୋଲି ଶ୍ରୀ ମୋଦୀ କହିଛନ୍ତି । ଏହା ପରେ ୧୮ ତାରିଖରେ ଶ୍ରୀ ମୋଦୀ ପ୍ୟାରିସ୍‌ଠାରେ ପହଞ୍ଚି ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରୋନ୍‌ଙ୍କ ସହ ମିଳିତ ଭାବେ ଭିଭାଟେକ୍-୨୦୨୬ କାର୍ଯ୍ୟକ୍ରମରେ ଯୋଗଦେବେ ।

## ଏମ୍ ବ୍ରିକ୍ସ-ଏଗ୍ରିକଲଚର୍

ମଧ୍ୟପ୍ରଦେଶର ଇନ୍ଦୋରରେ ଚାଲିଥିବା ପାଞ୍ଚ ଦିନିଆ ବ୍ରିକ୍ସ କୃଷି ସମ୍ମିଳନୀ ଆଜି ଏକ ଉଲ୍ଲେଖନୀୟ ଘୋଷଣା ସହ ଉଦ୍‌ଯାପିତ ହୋଇଛି । ସମ୍ମିଳନୀ ଶେଷରେ ପ୍ରସ୍ତୁତ 'ଇନ୍ଦୋର ଘୋଷଣାନାମା' ସର୍ବସମ୍ମତି କ୍ରମେ ଗୃହିତ ହୋଇଛି ।

ଖାଦ୍ୟ ସୁରକ୍ଷା, କୃଷକ କଲ୍ୟାଣ, ଜଳବାୟୁ ଅନୁକୂଳ କୃଷି ଏବଂ କୃଷି କ୍ଷେତ୍ର ପାଇଁ ବାଣିଜ୍ୟ ଓ ଡିଜିଟାଲ୍ ପ୍ରସଙ୍ଗ ଉପରେ ଏହି ଘୋଷଣାନାମା ଅଧୀନରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି, ବ୍ରିକ୍ସ ସଦସ୍ୟ ରାଷ୍ଟ୍ରଗୁଡ଼ିକ ବିଶ୍ୱର ପ୍ରାୟ ଅର୍ଦ୍ଧେକ ଜନସଂଖ୍ୟାକୁ ପ୍ରତିନିଧିତ୍ୱ କରନ୍ତି । ବିଶ୍ୱ କୃଷି ଉତ୍ପାଦନ କ୍ଷେତ୍ରରେ ମଧ୍ୟ ଏହି ରାଷ୍ଟ୍ରଗୁଡ଼ିକର ୪୨ ପ୍ରତିଶତ ଅବଦାନ ରହିଛି । ଇନ୍ଦୋର ଘୋଷଣାନାମା ବ୍ରିକ୍ସ ରାଷ୍ଟ୍ରଗୁଡ଼ିକର ସାମୂହିକ ଇଚ୍ଛାଶକ୍ତି ଏବଂ ସହଭାଗି

ଦାୟିତ୍ୱର ପ୍ରତୀକ ବୋଲି ଶ୍ରୀ ଚୌହାନ କହିଛନ୍ତି । ସମ୍ମିଳନୀରେ ଚାରୋଟି ନୂତନ ସଂସ୍ଥାଗତ ପଦକ୍ଷେପ ଉପରେ ଘୋଷଣା କରାଯାଇଛି ।

ଶ୍ରୀ ଚୌହାନ କହିଛନ୍ତି, ଚାଷୀଙ୍କୁ ପ୍ରତି ୟୁରିଆ ବ୍ୟାଗ୍ ପିଛା ୨୬୬ ଟଙ୍କା ଏବଂ ଡି.ଏ.ପି. ୧୩୫୦ ଟଙ୍କାରେ ଯୋଗାଇବା ଜାରି ରଖିବେ । ଏ ସଂକ୍ରାନ୍ତ ଅତିରିକ୍ତ ଖର୍ଚ୍ଚ ସରକାର ବହନ କରିବେ ବୋଲି ସେ ଘୋଷଣା କରିଛନ୍ତି । ସମ୍ମିଳନୀ ଶେଷରେ ସଦସ୍ୟ ଦେଶଗୁଡ଼ିକର ପ୍ରତିନିଧିଗଣ, ମେଘଦୂତ ଗାର୍ଡେନ୍‌ଠାରେ ମିଳିତ ଭାବେ ଚାରାରୋପଣ କରିବା ସହ ବ୍ରିକ୍ସ ବାଟିକା ପ୍ରତିଷ୍ଠା କରିଥିଲେ ।

## ଶାହା-ମିଟିଂ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ଜନସଂଖ୍ୟାଗତ ପରିବର୍ତ୍ତନ ଆଧାରିତ ଏକ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି । ସୀମାନ୍ତବର୍ତ୍ତୀ ଅଞ୍ଚଳ, ମେଟ୍ରୋ ସହର ଏବଂ ଶିଳ୍ପଭିତ୍ତିକ ଅଞ୍ଚଳଗୁଡ଼ିକରେ ଜନସଂଖ୍ୟା ପରିବର୍ତ୍ତନ ନେଇ ଅଧ୍ୟୟନ କରିବାକୁ ଶ୍ରୀ ଶାହା କମିଶନ୍‌ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଗତମାସରେ ଦେଶରେ ଜନସଂଖ୍ୟାଗତ ପରିବର୍ତ୍ତନ ଉପରେ ତର୍ଜମା କରିବା ପାଇଁ ଏକ ଉଚ୍ଚସ୍ତରୀୟ କମିଟି କେନ୍ଦ୍ର ସରକାର ଗଠନ କରିଥିଲେ । ଜନସଂଖ୍ୟାଗତ ପରିବର୍ତ୍ତନ ଏବଂ ଏ ସଂକ୍ରାନ୍ତ

ଆହ୍ୱାନର ମୁକାବିଲା ପାଇଁ ଏକ ରୂପରେଖ ପ୍ରସ୍ତୁତ କରିବାକୁ କମିଟିକୁ ଦାୟିତ୍ୱ ଅର୍ପଣ କରାଯାଇଛି ।

## ନ୍ୟୁ-ଆର୍ମି ଚିପ୍

ଲେପ୍ଟନାଣ୍ଟ ଜେନେରାଲ୍ ଧୀରଜ ସେଠ୍ ପରବର୍ତ୍ତୀ ଭାରତୀୟ ସ୍ଥଳ ସେନା ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିବେ । ସେ ବର୍ତ୍ତମାନ ସେନାର ଉପମୁଖ୍ୟ ଭାବେ କାର୍ଯ୍ୟ କରୁଛନ୍ତି । ଲେପ୍ଟନାଣ୍ଟ ଜେନେରାଲ୍ ଶ୍ରୀ ସେଠ୍ କାର୍ଯ୍ୟରତ ସ୍ଥଳ ସେନା ମୁଖ୍ୟ ଜେନେରାଲ୍ ଉପେନ୍ଦ୍ର ଦ୍ୱିବେଦୀଙ୍କ ଠାରୁ ଆସନ୍ତା ୩୦ ତାରିଖରେ ଦାୟିତ୍ୱ ଗ୍ରହଣ କରିବେ । ପ୍ରତିରକ୍ଷା ମନ୍ତ୍ରଣାଳୟ ଏ ସମ୍ପର୍କରେ ସୂଚନା ଦେଇ କହିଛି, ଶ୍ରୀ ସେଠ୍ ସେନା ବାହିନୀର ବିଭିନ୍ନ କ୍ଷେତ୍ରରେ ଦକ୍ଷତାର ସହ କାର୍ଯ୍ୟ କରିଛନ୍ତି ।

## ପିକେ ମିଶ୍ର-ଏନ୍ଆଇୟୁଏ

ଦେଶର ସହରାଞ୍ଚଳଗୁଡ଼ିକ ଆର୍ଥିକ ଦୃଷ୍ଟିରୁ ସୁଦୃଢ଼, ସ୍ଥାୟୀ ପରିବେଶ ସମାବେଶୀ, ପ୍ରଯୁକ୍ତିବିଦ୍ୟା ଦୃଷ୍ଟିରୁ ଉନ୍ନତ ଏବଂ ସାଂଗଠନିକ ଭାବରେ ସ୍ଥିର ହେବା ଉଚିତ୍ ବୋଲି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ. ମିଶ୍ର କହିଛନ୍ତି । ନୂଆଦିଲ୍ଲୀରେ ଆଜି ଜାତୀୟ ସହରାଞ୍ଚଳ ବ୍ୟାପାର ପ୍ରତିଷ୍ଠାନ

ଏନ୍.ଆଇ.ୟୁ.ଏ.ର ସୁବର୍ଣ୍ଣ ଜୟନ୍ତୀ ସମାରୋହକୁ ସମ୍ବୋଧନ କରି ଶ୍ରୀ ମିଶ୍ର ଏହା କହିଛନ୍ତି । ସେ କହିଛନ୍ତି, ସହରାଞ୍ଚଳଗୁଡ଼ିକୁ ସଂସ୍ଥାଗତ ଭାବେ ଦକ୍ଷ କରିବା ଏବଂ ବିକାଶ ମାଧ୍ୟମରେ ସମର୍ଥନ ପ୍ରଦାନ କରିବାରେ ଏନ୍.ଆଇ.ୟୁ.ଏ.ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

ଆର୍ଥିକ ଅଭିବୃଦ୍ଧି, ବ୍ୟାପକ ଭିତ୍ତିଭୂମି କ୍ଷେତ୍ର, ଡିଜିଟାଲ୍ ରୂପାନ୍ତରଣ, ନବସୃଜନ ଏବଂ ସହରୀକରଣ ମାଧ୍ୟମରେ ଭାରତ ବିକାଶପଥରେ ଗତି କରୁଛି । ଏଥିସହ ବିଭିନ୍ନ କ୍ଷେତ୍ରରେ ବ୍ୟାପକ ସୁଯୋଗ ସୃଷ୍ଟି ହେଉଛି ବୋଲି ଶ୍ରୀ ମିଶ୍ର କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶରେ ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି, ଆର୍ଥିକ ସମାବେଶ, ନବିକରଣୀୟ ଶକ୍ତି, ପରିଚାଳନା ଏବଂ ସାର୍ବଜନୀନ ସେବା କ୍ଷେତ୍ରରେ ଭାରତ ଦ୍ରୁତ ଅଗ୍ରଗତି କରିବା ସହ ଉଭୟ ଦକ୍ଷତା ଏବଂ ଆତ୍ମବିଶ୍ୱାସକୁ ପ୍ରତିପାଦନ କରିପାରିଛି ବୋଲି ଶ୍ରୀ ମିଶ୍ର କହିଛନ୍ତି ।

## ଆଇଏଏଫ୍-ଏଏନ୍-୩୨ କ୍ରାସ୍

ଆସାମର ଜୋରହାଟ ବାୟୁସେନା ଘାଟିରେ ଆଜି ସକାଳେ ଏକ ଏ.ଏନ୍.-୩୨ ବିମାନ ଦୁର୍ଘଟଣା ଗ୍ରସ୍ତ ହେବାରୁ ୫ ସେନା କର୍ମଚାରୀଙ୍କ ମୃତ୍ୟୁ ହୋଇଛି । ନିୟମିତ ଉଡ଼ାଣ ସମୟରେ  ଅବତରଣ ବେଳେ ବିମାନଟି ଦୁର୍ଘଟଣା ଗ୍ରସ୍ତ ହେବା ସହ ଏଥିରେ ନିଆଁ ଲାଗିଯାଇଥିଲା ।

ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଭାରତୀୟ ବାୟୁ ସେନା ଏ ସମ୍ପର୍କରେ ସୂଚନା ଦେଇ ମୃତକଙ୍କ ସମ୍ପର୍କରେ ଘୋଷଣା କରିଛି । ଏହି ଦୁର୍ଘଟଣାରେ ବାୟୁସେନା ଗଭୀର ଦୁଃଖ ପ୍ରକାଶ କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିଛି । ଦୁର୍ଘଟଣାର କାରଣ ଜାଣିବା ପାଇଁ କୋର୍ଟ୍ ଅଫ୍ ଇନ୍‌କ୍ୟୁରି ନିର୍ଦ୍ଦେଶ ଦିଆଯାଇଛି ।

ଏହି ଦୁର୍ଘଟଣାରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ସେ କହିଛନ୍ତି, ୫ ଜଣ କର୍ମଚାରୀଙ୍କ ସର୍ବୋଚ୍ଚ ବଳିଦାନ, ସେମାନଙ୍କ ସାହସ ଓ ଦେଶସେବା ସମସ୍ତଙ୍କୁ ପ୍ରେରଣା ପ୍ରଦାନ କରିବ । ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିବା ସହ ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି, ଏହି ଦୁଃଖଦ ସମୟରେ ପରିବାରବର୍ଗଙ୍କ ସହ ସମ୍ପୂର୍ଣ୍ଣ ଦେଶ ତାଙ୍କ ସହ ରହିଛି ।

## ଶାହା-ପିଏମ୍

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗତ ୧୨ ବର୍ଷ ମଧ୍ୟରେ ସମଗ୍ର ଦେଶରେ ଶିକ୍ଷା, ଦକ୍ଷତା, ନବସୃଜନ ଏବଂ ଷ୍ଟାର୍ଟଅପ୍‌ର ଏକ ନୂତନ ସଂସ୍କୃତିର ଅଭ୍ୟୁଦୟ ଘଟିଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଶାହା କହିଛନ୍ତି, ବିଭିନ୍ନ

ସଂସ୍କାରମୂଳକ ପଦକ୍ଷେପ ଦ୍ୱାରା ଭାରତ ବିଶ୍ୱର ଦ୍ୱିତୀୟ ସର୍ବବୃହତ ଉଚ୍ଚଶିକ୍ଷା ନେଟ୍‌ୱାର୍କରେ ପରିଣତ ହୋଇଛି ।

ଏପରିକି ବିଶ୍ୱସ୍ତରରେ ଭାରତ ଦ୍ୱିତୀୟ ସର୍ବବୃହତ କୃତ୍ରିମ ବୁଦ୍ଧିମତା ଦକ୍ଷତା ସମ୍ପନ୍ନ ରାଷ୍ଟ୍ର ଭାବେ ଉଭା ହୋଇଛି ବୋଲି ଶ୍ରୀ ଶାହା କହିଛନ୍ତି । ୨ ଲକ୍ଷରୁ ଅଧିକ ଷ୍ଟାର୍ଟଅପ୍ ସହିତ ଭାରତ ବିଶ୍ୱର ତୃତୀୟ ସର୍ବବୃହତ ଷ୍ଟାର୍ଟଅପ୍ ଇକୋସିଷ୍ଟମ୍‌ରେ ପରିଣତ ହୋଇଛି । ଶ୍ରୀ ମୋଦୀଙ୍କ ନେତୃତ୍ୱରେ ଦେଶର ୬୦ ନିୟୁତରୁ ଅଧିକ ଯୁବକଙ୍କ ଦକ୍ଷତା ବୃଦ୍ଧି ସମ୍ଭବ ହୋଇପାରିଛି । ୧୨୦ ନିୟୁତରୁ ଅଧିକ ମୁଦ୍ରାଋଣ ଏବଂ ୩୦୦ରୁ ଅଧିକ ମହାକାଶ କ୍ଷେତ୍ର ଆଧାରିତ ଷ୍ଟାର୍ଟଅପ୍ ଯୁବବର୍ଗଙ୍କ ସୃଜନଶୀଳତା ଏବଂ ଉଦ୍ୟୋଗୀ ଚିନ୍ତାଧାରାକୁ ପ୍ରତିଫଳନ କରୁଛି ବୋଲି ଶ୍ରୀ ଶାହା କହିଛନ୍ତି । ଦେଶରେ ଆଇ.ଆଇ.ଟି. ଏବଂ ଏମସ୍ ସମେତ ୧୨୦୦ରୁ ଅଧିକ ବିଶ୍ୱବିଦ୍ୟାଳୟ, ୧ ହଜାରରୁ ଅଧିକ ଖେଲୋ ଇଣ୍ଡିଆ କେନ୍ଦ୍ର ଖଏବଂ ୩୪ଟି ରାଜ୍ୟ ଉତ୍କର୍ଷ କେନ୍ଦ୍ର ମାଧ୍ୟମରେ ଯୁବବର୍ଗ କ୍ରୀଡ଼ା କ୍ଷେତ୍ରରେ ନୂତନ ମାନଦଣ୍ଡ ପ୍ରତିଷ୍ଠା କରୁଛନ୍ତି ବୋଲି ଶ୍ରୀ ଶାହା କହିଛନ୍ତି ।

## ଓମ୍ ବିର୍ଲା କନ୍‌ଫରେନ୍ସ

ପାରମ୍ପରିକ ଜ୍ଞାନକୁ ଆଧୁନିକ ପ୍ରଯୁକ୍ତିବିଦ୍ୟା ସହ ମିଶ୍ରଣ କରି ଭାରତ ବୈଶ୍ୱିକ ସ୍ତରରେ କୃଷି କ୍ଷେତ୍ରର ଏକ ଅଗ୍ରଣୀ ରାଷ୍ଟ୍ର ହୋଇପାରିବ ବୋଲି

ଲୋକସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି । '୨୦୪୭ ବିକଶିତ ଭାରତ ପାଇଁ ନିରନ୍ତର କୃଷି : ପରମ୍ପରା ପ୍ରଯୁକ୍ତିବିଦ୍ୟା ଓ ନିରନ୍ତାରତାର ଫଳାଫଳ' ଶୀର୍ଷକ ଏକ ଦୁଇ ଦିନିଆ ଜାତୀୟ ସମ୍ମିଳନୀର ଉଦ୍‌ଘାଟନୀ ଅଧିବେଶନକୁ ସମ୍ବୋଧନ କରି ଶ୍ରୀ ବିର୍ଲା ଏହା କହିଛନ୍ତି ।

ସେ କହିଛନ୍ତି, ନିରନ୍ତର କୃଷି' ନବସୃଜନ ଓ ଗବେଷଣା ଭିତ୍ତିକ ବିକଶିତ ଭାରତର ମୂଳଦୁଆ ଗଠନ କରିଥାଏ । ଭାରତରେ କୃଷି ଏକ ଅର୍ଥନୈତିକ କ୍ଷେତ୍ର ଭାବେ ପରିଗଣିତ ହେବା ସହ ଏହା ଦେଶର ସଂସ୍କୃତି, ସଭ୍ୟତା ଏବଂ ଜୀବନଶୈଳୀର ଏକ ଅବିଚ୍ଛେଦ୍ୟ ଅଂଶ ବୋଲି ଶ୍ରୀ ବିର୍ଲା ବର୍ଣ୍ଣନା କରିଛନ୍ତି । ଖାଦ୍ୟ ସୁରକ୍ଷା, ଗ୍ରାମାଞ୍ଚଳ ବିକାଶ, ସାମାଜିକ ସଦ୍‌ଭାବନା ଏବଂ ସମାବେଶୀ ଅଭିବୃଦ୍ଧି ସୁନିଶ୍ଚିତ କରି କୃଷି କ୍ଷେତ୍ର ବିକଶିତ ଭାରତ ଦୃଷ୍ଟିକୋଣର ପ୍ରମୁଖ ପ୍ରସଙ୍ଗ ରହିବ ବୋଲି ସେ କହିଛନ୍ତି । ବୈଜ୍ଞାନିକ, ଗବେଷକ, ନୀତିନିର୍ଦ୍ଧାରକ ପ୍ରମୁଖ କୃଷି କ୍ଷେତ୍ରକୁ ଦୀର୍ଘକାଳୀନ ସମୃଦ୍ଧି ପଥରେ ଆଗେଇ ନେବା ପାଇଁ ଆତ୍ମନିର୍ଭରଶୀଳ ମଡେଲ ପ୍ରସ୍ତୁତ କରିବାକୁ ଶ୍ରୀ ବିର୍ଲା ଆହ୍ୱାନ ଦେଇଛନ୍ତି ।

# ପୁଡୁଚେରୀ ମୁରୁଗାନ

ଦେଶ ବ୍ୟାପି ଏକ ରାଷ୍ଟ୍ର ଏକ ନିର୍ବାଚନ ପ୍ରସ୍ତାବ କାର୍ଯ୍ୟକାରୀ କରିବା ପାଇଁ ପ୍ରୟାସ ଜାରି ରହିଛି ବୋଲି ସୂଚନା ଓ ପ୍ରସାରଣ ରାଷ୍ଟ୍ର ମନ୍ତ୍ରୀ ଡକ୍ଟର

ଏଲ୍. ମୁରୁଗାନ କହିଛନ୍ତି । ପୁଡୁଚେରୀ ଠାରେ ଆଜି ଗଣମାଧ୍ୟମ ସହ କଥାବାର୍ତ୍ତା ବେଳେ ଡକ୍ଟର ମୁରୁଗାନ କହିଛନ୍ତି, ଏକ କାଳୀନ ନିର୍ବାଚନ, ଖର୍ଚ୍ଚ ହ୍ରାସ ଏବଂ ମାନବ ସମ୍ବଳର ଦକ୍ଷ ପରିଚାଳନାକୁ ସୁନିଶ୍ଚିତ କରିପାରିବ । ଗତ ୧୨ ବର୍ଷ ମଧ୍ୟରେ ଏନ୍.ଡି.ଏ. ସରକାରଙ୍କ ସଫଳତା ଉପରେ ଆଲୋକପାତ କରି ଡକ୍ଟର ମୁରୁଗାନ କହିଛନ୍ତି, ଦେଶ ବ୍ୟାପି ୧୨୦ ନିୟୁତରୁ ଅଧିକ ଶୌଚାଳୟ ନିର୍ମାଣ କରାଯିବା ସହିତ ୨୫ କୋଟିରୁ ଅଧିକ ଲୋକ ଦାରିଦ୍ର୍ୟ ସୀମାରେଖା ଉପରକୁ ଉନ୍ନିତ ହୋଇଛନ୍ତି । ଭିତ୍ତିଭୂମି ବିକାଶ କ୍ଷେତ୍ର ପାଇଁ ୧୨ ଲକ୍ଷ ୨୦ ହଜାର କୋଟି ଟଙ୍କା ଆବଣ୍ଟନ କରାଯାଇଥିବା ସେ କହିଛନ୍ତି । ଗସ୍ତ ଅବସରରେ ପୁଡୁଚେରୀକୁ ଗସ୍ତ ଅବସରରେ ଡକ୍ଟର ମୁରୁଗାନ ରେଳ ଷ୍ଟେସନ୍ର କାର୍ଯ୍ୟକାରିତା ନେଇ ଯାଞ୍ଚ କରିବା ସହିତ ଷ୍ଟେସନ୍ର ପୁନଃ ବିକାଶ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଛନ୍ତି ।

ପୂର୍ବରୁ ଡକ୍ଟର ମୁରୁଗାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାରଙ୍କ ୧୨ ବର୍ଷ ପୂର୍ତ୍ତି ଅବସରରେ ଅନାଇଶିବଗାମୀ ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଏକ ଚାରା ରୋପଣ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

# କ୍ରିକେଟ୍-ଇଣ୍ଡିଆ-ଆଫଗାନିସ୍ତାନ ଓଡିଆଇ

ଧର୍ମଶାଳା ସ୍ଥିତ ହିମାଚଳ ପ୍ରଦେଶ କ୍ରିକେଟ୍ ଆସୋସିଏସନ୍ ଷ୍ଟାଡିୟମ୍‌ଠାରେ ଖେଳାଯାଉଥିବା ଭାରତ-ଆଫଗାନିସ୍ତାନ ପୁରୁଷ ବର୍ଗ ଦିନିକିଆ ଏକଦିବସୀୟ କ୍ରିକେଟ୍ ମ୍ୟାଚ୍‌କୁ ୨୫ ଓଭରରେ ସୀମିତ ରଖାଯାଇଛି । ବର୍ଷା ଯୋଗୁଁ ମ୍ୟାଚ୍‌ର ଓଭର ସଂଖ୍ୟାକୁ ହ୍ରାସ କରାଯାଇଛି । ଟସ୍ ଜିତି ଭାରତ’ ଆଫଗାନିସ୍ତାନକୁ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଆଫଗାନିସ୍ତାନ ୧୫ ଓଭରରେ ୩ ୱିକେଟ୍ ବିନିମୟରେ ୧୪୦ ରନ୍ ସଂଗ୍ରହ କରିଛି ।

ଉଭୟ ଦେଶ ମଧ୍ୟରେ ଚାଲିଥିବା ଏହି ଚଳିତ ତିନିଟିକିଆ ଦିନିକିଆ ଆନ୍ତର୍ଜାତିକ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଲକ୍ଷ୍ନୌ ଏବଂ ତୃତୀୟ ମ୍ୟାଚ୍ ଚେନ୍ନାଇଠାରେ ଖେଳାଯିବ ।

# ଫିଫା ବିଶ୍ୱକପ୍

୨୦୨୬ ଫିଫା ବିଶ୍ୱକପ୍ ଫୁଟବଲ୍ ପ୍ରତିଯୋଗିତାର ଗ୍ରୁପ୍-ବି’ ପର୍ଯ୍ୟାୟ ଏକ ମ୍ୟାଚ୍‌ରେ ଆଜି କାତାର ଏବଂ ସ୍ୱିଜରଲ୍ୟାଣ୍ଡ ମଧ୍ୟରେ ମୁକାବିଲା ହେବ । ସାନ୍‌ଫ୍ରାନ୍‌ସିସ୍‌କୋ ବେ-ଏରିୟା ଷ୍ଟାଡିୟମ୍ ଠାରେ ଏହି ମ୍ୟାଚ୍ ଭାରତୀୟ ସମୟ ରାତି ସାଢ଼େ ୧୨ଟାରେ ଆରମ୍ଭ ହେବ । ପୂର୍ବରୁ

ଗ୍ରୁପ୍-ଡି’ ପର୍ଯ୍ୟାୟ ଏକ ମ୍ୟାଚ୍‌ରେ ପାରାଗୁଏକୁ ୪-୧ ଗୋଲ୍‌ରେ ଯୁକ୍ତରାଷ୍ଟ୍ର ଆମେରିକା ପରାସ୍ତ କରିଛି । ଅନ୍ୟ ଏକ ମ୍ୟାଚ୍‌ରେ କାନାଡ଼ା ଏବଂ ବୋସ୍‌ନିଆ-ହର୍ଜେଗୋଭିନା ମଧ୍ୟରେ ଖେଳ ୧-୧ ଗୋଲ୍‌ରେ ଅମିଂମାସିତ ଭାବେ ଶେଷ ହୋଇଛି ।